## ଲୁଟିନେଲେ ୨ଲକ୍ଷ

**ବାରିପଦା ଅଫିସ:** ବାରିପଦା ଟାଉନ ଥାନା ଅଧୀନ ତୁଳସୀ ଚଉରା ଅଞ୍ଚଳରୁ ବୁଧବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କଠାରୁ ଦୁର୍ବୃତ୍ତ ୨ଲକ୍ଷ ଟଙ୍କା ଝାମ୍ପି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୯୯/୨୧) ରୁଜୁ କରି ତଦନ୍ତ ଜାରି ରଖିଛି । ତୁଳସୀ ଚଉରା ଅଞ୍ଚଳର ପ୍ରତାପ ମୁଖି ଷ୍ଟେଟ ବ୍ୟାଙ୍କରୁ ୨ଲକ୍ଷ ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ଏକ ପଲସରରେ ଦୁଇ ଜଣ ଦୁର୍ବୃତ୍ତ ତାଙ୍କୁ ଧକ୍କା ଦେଇ ଟଙ୍କା ବ୍ୟାଗ ଛଡ଼ାଇ ନେଇ ପଳାଇ ଯାଇଥିଲେ ।

## ଆଜି କ'ଣ କେଉଁଠି

**ମୟୂରଭଞ୍ଜ**

- ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ରାଇରଙ୍ଗପୁର ବାର ଆସୋସିଏଶନର ନୂତନ ଲାଇବ୍ରେରୀ ହଲ୍ ଉଦ୍‌ଘାଟନ। ସ୍ଥାନ- ରାଇରଙ୍ଗପୁର ବାର ଆସୋସିଏଶନ ହଲ୍ ପରିସର। ସମୟ: ଅପରାହ୍ନ ୪ ଟା।
- ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଅନାବରଣ, ସ୍ଥାନ-ବାରିପଦାର ଭଞ୍ଜପୁର, ସମୟ: ମଧ୍ୟାହ୍ନ ୧୨ଟା।

**ବାଲେଶ୍ୱର**

- ପରିବା ଓ ମାଛ ମାର୍କେଟ୍ ଉଚ୍ଛେଦ। ସ୍ଥାନ - ନୂଆବଜାର। ସମୟ - ପୂର୍ବାହ୍ନ ୧୦ଟା।
- ଫ୍ୟୁଚର ବାଲେଶ୍ୱର ପକ୍ଷରୁ ଖବରଦାତା ସମ୍ମିଳନୀ। ସ୍ଥାନ: କଳିଙ୍ଗ ହୋଟେଲ ସମ୍ମିଳନୀ କକ୍ଷ। ସମୟ: ଅପରାହ୍ନ ୩ ଟା।

**ଭଦ୍ରକ**

- ତିହିଡ଼ି ଶ୍ୟାମା କ୍ଲବ ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ତିହିଡ଼ି ବଜାର ସ୍ଥିତ କାଳୀପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**

- ମିଶନ ସୁବିଦ୍ୟା କାର୍ଯ୍ୟକ୍ରମର ଆଇଏସ୍‌ଓ ଅଡିଟ୍ ବୈଠକ । ସ୍ଥାନ: କେନ୍ଦୁଝର ଦରବାର ହଲ । ସମୟ: ପୂର୍ବାହ୍ନ-୧୧ଟା

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ହେବ ନବକଳେବର

**ଚମ୍ପୁଆ, ୩।୨(ଡି.ଏନ.ଏ.)**

କେନ୍ଦୁଝର ଜିଲାରେ ଉତ୍କର୍ଷ କେନ୍ଦ୍ର ହେବାକୁ ଯାଉଛି ଚମ୍ପୁଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ଚମ୍ପୁଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସ୍ଥାନ ସ୍ୱତନ୍ତ୍ର ରହିଥିବାବେଳେ ଖୁବଶୀଘ୍ର ଏହାର ନବକଳେବର ହେବାକୁ ଯାଉଛି। ଏହାସହ ଉତ୍କର୍ଷ କେନ୍ଦ୍ର ହୋଇଥିବା ଯୋଗୁ ଆଗାମୀ ଦିନରେ ଉକ୍ତ ବିଦ୍ୟାଳୟରେ କେନ୍ଦୁଝର ବ୍ୟତୀତ ମୟୂରଭଞ୍ଜ ଏବଂ ଦେବଗଡ଼ ଜିଲାରୁ ଆସି ଛାତ୍ରୀମାନେ ହଷ୍ଟେଲରେ ରହି ପାଠ ପଢିବେ ବୋଲି ସୂଚନା ମିଳିଛି।

ଏଥିନିମନ୍ତେ ବିଦ୍ୟାଳୟର ଭିତ୍ତିଭୂମି, ସୌନ୍ଦର୍ଯ୍ୟକରଣ, ପାନୀୟ ଜଳ ବ୍ୟବସ୍ଥା, ସିସିଟିଭି, ଲାଇବ୍ରେରୀରେ ବିଭିନ୍ନ ଭାଷାରେ ପୁସ୍ତକ, କମ୍ପ୍ୟୁଟର ଭଳି ଆନୁଷଙ୍ଗିକ ସୁବିଧା ସୁଯୋଗ ସମେତ ବିଦ୍ୟାଳୟର ଆଧୁନିକୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ପୂର୍ବାହ୍ନରେ ଜିଲାପାଳ ଆଶିଷ ଠାକରେ ଚମ୍ପୁଆ ଉପଖଣ୍ଡ ଆଦର୍ଶ ବିଦ୍ୟାଳୟକୁ ଗସ୍ତ କରିଥିଲେ। ବିଦ୍ୟାଳୟ ପରିସରରେ ଥିବା ଫିଜିକ୍ସ, କେମେଷ୍ଟ୍ରି ଓ ବାୟୋଲୋଜିର ବିଭିନ୍ନ ଲ୍ୟାବ୍ ବୁଲି ଦେଖିବା ସହ କମ୍ପ୍ୟୁଟର ଲ୍ୟାବ୍ ପରିସର ମଧ୍ୟ ବୁଲି ଦେଖିଥିଲେ। ଏହା ବ୍ୟତୀତ ସ୍କୁଲ ପରିସରରେ ଇନ୍‌ଡୋର୍ ଅଡିଟୋରିୟମ୍, ସିସିଟିଭି, ସାନିଟାଇଜେସନ୍‌ର ସୁବିଧା, ନିର୍ମାଣାଧୀନ ହଷ୍ଟେଲର ଆଧୁନିକୀକରଣ, ସ୍କୁଲ ପରିସରକୁ ବିଦ୍ୟୁତକରଣ, ସୋଲାର ସିଷ୍ଟମ୍, ସାଉଣ୍ଡ ବ୍ୟବସ୍ଥା, ପିଇବା ପାଣି ବ୍ୟବସ୍ଥା ଆଦି ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଜିଲାପାଳ ଉପସ୍ଥିତ ଥିବା ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ପ୍ରତାପ ପ୍ରୀତିମୟ, ତହସିଲଦାର ଡା.ସାଇ ସସ୍ମିତା ହୋତା, ବିଡିଓ ନୁପୁର ଚାନ୍ଦଗୋଟିଆ, ପୂର୍ତ୍ତ ବିଭାଗ ଏସ୍‌ଡିଓ ହେମନ୍ତ କୁମାର ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଧର୍ମେନ୍ଦ୍ର କୁମାର ସିଂ, ବିଦ୍ୟାଳୟର ଅଧକ୍ଷ ଆଶିଷ କୁମାର ପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।



ବିଦ୍ୟାଳୟ ପରିସରରେ ଜିଲାପାଳ ଆଶିଷ ଠାକ୍‌ରେଙ୍କ ସହ ଅନ୍ୟ ଅଧିକାରୀ।

**ଜିଲା ବାହାରୁ ଆସି ପଢ଼ିବେ ଛାତ୍ରୀ**

# ଶ୍ରମ କୋଡ୍, କୃଷି ଆଇନ ବାତିଲ ଦାବି

**କେନ୍ଦୁଝର, ୩।୨(ଡି.ଏନ୍.ଏ./ସ୍ୱ.ପ୍ର.)**

ସିଆଇଟିୟୁ, ଏଆଇଟିୟୁସି ଶ୍ରମିକ ସଂଗଠନମାନଙ୍କର ଆହ୍ୱାନକ୍ରମେ ବହୁ ଶ୍ରମିକ କାଳିପଡିଆଠାରୁ ବାହାରି ବଜାର ପରିକ୍ରମା କରି କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭବାନୀ ଶଙ୍କର ମହାନ୍ତଙ୍କର ସଭାପତିତ୍ୱରେ ଏକ ବିକ୍ଷୋଭ ସଭା କରାଯାଇଥିଲା। ଲକ୍‌ଡାଉନ୍ ସମୟରେ କର୍ପୋରେଟ ମାଲିକମାନଙ୍କ ସ୍ୱାର୍ଥରେ ଶ୍ରମିକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ପ୍ରଚଳିତ ଥିବା ୪ଟି ଶ୍ରମ ଆଇନର ପରିବର୍ତ୍ତନ କରି ୪ଟି କୋର୍ଡରେ ପରିଣତ କରିଛନ୍ତି। ଶ୍ରମିକମାନେ ପୂର୍ବରୁ ପାଉଥିବା ଶ୍ରମ ଆଇନର ସୁବିଧା ସୁଯୋଗ ଆଉ ପାଇବେ ନାହିଁ। ୮ଘଣ୍ଟା ପରିବର୍ତ୍ତେ ୧୨ଘଣ୍ଟା କାମ କରିବାକୁ ପଡିବ। ଶ୍ରମ କୋଡ୍ ଓ କୃଷି ଆଇନ ବାତିଲ କରିବା, ଦିଲ୍ଲୀ ଚଲୋ କୃଷକ ସମାବେଶ/ସଂଘର୍ଷରତ କୃଷକମାନଙ୍କ ଉପରେ ଦମନ ବନ୍ଦ, ବିଦ୍ୟୁତ ବିଲ୍-୨୦୨୦କୁ ପ୍ରତ୍ୟାହାର କରିବା ଆଦି ଦାବି ନେଇ ସିଆଇଟିୟୁ ଜିଲା ସଂପାଦକ ଧରଣୀଧର ମହାନ୍ତ, ସହ ସଂପାଦକ ଭବାନୀ ଶଙ୍କର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ରାଉତ, ଏଆଇଟିୟୁସି ନେତା ଅର୍ଜୁନ ମହାନ୍ତ, କୃଷକନେତା ପବିତ୍ର ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଶ୍ରମ କୋଡ୍‌କୁ ପୋଡ଼ିଲେ ଶ୍ରମିକ



ବାଲେଶ୍ୱର ଶ୍ରମ ଅଫିସ ସମ୍ମୁଖରେ ବିକ୍ଷୋଭକାରୀ।

**ବାଲେଶ୍ୱର ଅଫିସ,୩।୨**

ବାଲେଶ୍ୱର ଜିଲା ଶ୍ରମ ଅଫିସ୍ ସମ୍ମୁଖରେ ବୁଧବାର ପୂର୍ବାହ୍ନରେ କେନ୍ଦ୍ରୀୟ ଶ୍ରମିକ ସଂଗଠନର ମିଳିତ ମଞ୍ଚ ତରଫରୁ ଶ୍ରମିକ ବିରୋଧୀ ନୂତନ ଶ୍ରମିକ କୋଡ୍ ଗାଜେଟ୍‌କୁ ପୋଡ଼ି ଆନ୍ଦୋଳନ କରାଯାଇଥିଲା। ଦୀର୍ଘବର୍ଷ ଶ୍ରମିକମାନେ ସଂଗ୍ରାମ କରି ହାସଲ କରିଥିବା ୪୪ଟି ଶ୍ରମ ଆଇନକୁ କେନ୍ଦ୍ର ସରକାର ସଂଶୋଧନ କରି ମାଲିକମାନଙ୍କ ସପକ୍ଷରେ ୪ଟି କୋଡ୍‌ରେ ପରିଣତ କରିଥିବା କହି ଶ୍ରମିକ ନେତାମାନେ ପ୍ରତିବାଦ କରିଥିଲେ। ନୂତନ ଶ୍ରମ ଆଇନ ଓ କୃଷି ଆଇନ ପ୍ରତ୍ୟାହାର ପାଇଁ ଦାବି କରିଥିଲେ। ଟିୟୁଏସିସିର ସମ୍ପାଦକ ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ତରଫରୁ ସୁରେଶ ଚନ୍ଦ୍ର ବେହେରା, ଭାଗବତ ପ୍ରତିହାରୀ, ବିଜୟ ପାତ୍ର ପ୍ରମୁଖ ସାମିଲ ଥିଲେ। ନିକୁଞ୍ଜ ବସନ୍ତରାୟ, ବନ୍ଦନା ବିଶ୍ୱାସ, ଉମାକାନ୍ତ ଦାସ, ବାସନ୍ତୀ ସାମଲ, ପ୍ରଶାନ୍ତ ଦାସ, ଶରତ ଚନ୍ଦ୍ର ଦଳେଇ ପ୍ରମୁଖ ଆନ୍ଦୋଳନରେ ସହଯୋଗ କରିଥିଲେ।

# ଚିଟ୍‌ଫଣ୍ଡ ଜମାକାରୀଙ୍କ ତଥ୍ୟ ସଂଗ୍ରହ

**ବାଲେଶ୍ୱର ଅଫିସ,୩।୨**

ଚିଟ୍‌ଫଣ୍ଡରେ ଅର୍ଥ ନିବେଶ କରି କ୍ଷତିଗ୍ରସ୍ତ ହୋଇଥିବା କ୍ଷୁଦ୍ର ଜମାକାରୀମାନଙ୍କ ତଥ୍ୟ ସଂଗ୍ରହ ପାଇଁ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅଭିଯାନ। ଅଭିଯାନର ପ୍ରଥମ ଦିନରେ ଜିଲାର ବିଭିନ୍ନ ବ୍ଲକର ଜମାକାରୀଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ଘରକୁ ଘର ଯାଇ ଜମାକାରୀଙ୍କ ତଥ୍ୟ ସଂଗ୍ରହ କରିଛନ୍ତି। ତଦନ୍ତ କମିଶନଙ୍କ ରିପୋର୍ଟ ନମ୍ବର ୩ ଓ ୪ ଅନ୍ତର୍ଗତ ୪୧୬୧ ଜମାକାରୀ ସେମାନଙ୍କ ଜମାରାଶି ଫେରସ୍ତ ପାଇ ନ ଥିବା ବେଳେ ପ୍ରଥମ ଦିନ ବିଭିନ୍ନ ବ୍ଲକର ୪୫୪ ଜଣଙ୍କ ଘରକୁ କର୍ମଚାରୀମାନେ ଯାଇ ଇଣ୍ଡେମ୍ନିଟି ବଣ୍ଡ ଓ ଅନ୍ୟ ତଥ୍ୟ ସଂଗ୍ରହ କରିବା ସହ ମୋଟ ୧୬୧୮ ଜମାକାରୀଙ୍କୁ ଚିହ୍ନଟ କରିଛନ୍ତି। ସେହିପରି ତଦନ୍ତ କମିଶନଙ୍କ ୫ ନମ୍ବର ରିପୋର୍ଟ ଅନୁଯାୟୀ ଚିହ୍ନଟ ହୋଇଥିବା ୯୯୮୨ ଜମାକାରୀଙ୍କ ମଧ୍ୟରୁ ପ୍ରଥମ ଦିନ ୭୬୧ ଜଣଙ୍କ ଘରକୁ କର୍ମଚାରୀମାନେ ଯାଇଥିବା ବେଳେ ୭୬୫ ଜମାକାରୀଙ୍କୁ ଚିହ୍ନଟ କରାଯାଇଛି। ଅନୁରୂପ ଭାବେ ରୋଜଭ୍ୟାଲି ଗ୍ରୁପରେ ଅର୍ଥ ଜମା କରିଥିବା ୪୬ ଜମାକାରୀଙ୍କ ତଥ୍ୟ ସଂଗ୍ରହ କରାଯାଇ ପାରିଛି।

ଜମାକାରୀମାନେ ସେମାନଙ୍କ ଇଣ୍ଡେମ୍ନିଟି ବଣ୍ଡ୍ ଏବଂ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ପ୍ରଦାନ ନ କଲେ ସେମାନେ ଟଙ୍କା ଫେରସ୍ତ ପାଇପାରିବେ ନାହିଁ। ଏଣୁ ସେମାନେ ନିଜ ତହସିଲ ବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆସନ୍ତା ୭ ତାରିଖ ସୁଦ୍ଧା ଏହି ତଥ୍ୟ ପ୍ରଦାନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ୭ ତାରିଖ ଯାଏ ସମସ୍ତ ରାଜସ୍ୱ ନିରୀକ୍ଷକ ନିଜ କାର୍ଯ୍ୟାଳୟରେ ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଉପସ୍ଥିତ ରହିବାକୁ କୁହାଯାଇଛି। ଏ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସମସ୍ତ ଅଙ୍ଗନୱାଡି କର୍ମୀ, ସୁପରଭାଇଜର, ସିଡିପିଓ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏବଂ ଜିଆର୍‌ଏସ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ମଧ୍ୟ ଘର ଘର ବୁଲି ଲୋକଙ୍କୁ ସଚେତନ କରିବା ସହ ଫର୍ମ ଗ୍ରହଣ କରିପାରିବେ। ନିର୍ଦ୍ଧାରିତ ସମୟରେ ଆବଶ୍ୟକ କାଗଜପତ୍ର ଦାଖଲ କଲେ ଜମାକାରୀମାନେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମାରାଶି ଫେରସ୍ତ ପାଇପାରିବେ। ଜମାରାଶି ଫେରସ୍ତ ପାଇବା ପାଇଁ ଏହା ହେଉଛି ଶେଷ ସୁଯୋଗ ହୋଇଥିବାରୁ ଜମାକାରୀମାନେ ଏହାର ଲାଭ ଉଠାଇବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

**୭ ସୁଦ୍ଧା ତଥ୍ୟ ଦେବାକୁ ନିର୍ଦ୍ଦେଶ**

# ପୋଲରେ ପିଟିହେଲା ଅଟୋ, ୮ ଗୁରୁତର

**ଚିତ୍ରଡ଼ା,୩।୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅନ୍ତର୍ଗତ ୬୧ନଂ. ରାଜ୍ୟ ରାଜପଥର ବାରମାଇଲ ଡାକ୍ତରଖାନା ନିକଟରେ ଏକ ଅଟୋ ଓଲଟି ୧୨ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ବାରିପଦା ସଦର ଥାନା ଅଞ୍ଚଳରୁ ୧୧ ଶ୍ରମିକ ଏକ ଅଟୋ(ନଂ.ଓଡ଼ି୦୧ଏଏ- ୦୬୮୭)ରେ କାମ କରିବା ପାଇଁ ଜଳେଶ୍ୱର ଅଭିମୁଖେ ଯାଉଥିଲେ। ଡ୍ରାଇଭର ଭାରସ୍ୟାମ ହରାଇବାରୁ ଅଟୋଟି ବାରମାଇଲ ଡାକ୍ତରଖାନା ନିକଟସ୍ଥ ଏକ ପୋଲରେ ପିଟି ହୋଇ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଆହତ ଶ୍ରମିକଙ୍କୁ ଉଦ୍ଧାର କରି କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ଆହତ ଶ୍ରମିକମାନେ ହେଲେ କାର୍ତ୍ତିକ ଦେହୁରୀ, ଜାହ୍ନିଦେହୁରୀ, ସନ୍ତୋଷ ଦେହୁରୀ, ବସୁମତୀ ଦେହୁରୀ, ପଞ୍ଚମୀ ଦେହୁରୀ, ରାନୀ ଦେହୁରୀ, ଭୁଣ୍ଟୁ ଦେହୁରୀ, ପୀତ ଦେହୁରୀ, ଚୌଧୁରୀ ଦେହୁରୀ, ସୁରେନ୍ଦ୍ର ଦେହୁରୀ ଏବଂ ଡ୍ରାଇଭର ଦିନେଶ ବ୍ରହ୍ମ। ଗୁରୁତର ଆହତମାନଙ୍କୁ ପିଆରଏମ୍ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

# ସିଆଇଟିୟୁ ପକ୍ଷରୁ ବିକ୍ଷୋଭ

**ବାରିପଦା ଅଫିସ,୩।୨**

ସମାନ କାମକୁ ସମାନ ଦରମା ଆଦି ବିଭିନ୍ନ ଦାବିକୁ ନେଇ ସିଆଇଟିୟୁ ପକ୍ଷରୁ ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ସାଧାରଣ ସମ୍ପାଦକ ଅମଲ ଦେଙ୍କ ନେତୃତ୍ୱରେ ମଟର କର୍ମଚାରୀ ସଂଘ, ମଧ୍ୟାହ୍ନଭୋଜନ କର୍ମୀ ଓ ବିଏସ୍‌ଏନ୍‌ଏଲ୍ କାଜୁଆଲ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ସିଆଇଟିୟୁର ଜିଲା ସଭାପତି ରବି ଗୋସ୍ୱାମୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ପରିଡ଼ା, ଅଶୋକ ଭଞ୍ଜଦେଓ, ଗଙ୍ଗାଧର ସାମଲ, କ୍ଷୀତିଶ ସାସମଲଙ୍କ ସମେତ ମହିଳା ପୁରୁଷ କର୍ମକର୍ତ୍ତାମାନେ ସାମିଲ ଥିଲେ। ।

## ୪୦ଫୁଟ ତଳକୁ ଖସିଲା ବାଲି ବୋଝେଇ ଟ୍ରକ୍

**ତେଲକୋଇ, ୩।୨(ଡି.ଏନ.ଏ.):** କେନ୍ଦୁଝର ଜିଲା କାଞ୍ଜିପାଣି ଥାନା ଅନ୍ତର୍ଗତ କାଞ୍ଜିପାଣି ତେଲକୋଇ ପୂର୍ତ୍ତ ରାସ୍ତା କୁସୁମ ଘାଟିରେ ଏକ ବାଲି ବୋଝେଇ ୧୦ଚକିଆ ଟ୍ରକ୍ ବୁଧବାର ଭାରସାମ୍ୟ ହରାଇ ୪୦ଫୁଟ ତଳକୁ ଖସି ପଡ଼ିଛି। ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲପର୍ ବର୍ତ୍ତି ଯାଇ ଫେରାର ଥିବା ବେଳେ ଉକ୍ତ ଟ୍ରକରେ ଲିଫ୍ଟ ନେଇ ଯାଉଥିବା ଯୁବକ ଜଣଙ୍କ ଗୁରୁତର ହୋଇପଡିଛନ୍ତି। ଯୁବକ ଜଣକ ହେଲେ କାଞ୍ଜିପାଣି ଥାନା ହଳଦୀପାଣି ଗ୍ରାମର ଗୁଣ ଦେହୁରୀ(୨୮)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତେଲକୋଇ ସର୍ବାସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କାଞ୍ଜିପାଣି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଶ୍ରମ ଦିବସ ସୃଷ୍ଟିରେ ଲକ୍ଷ୍ୟ ଧାର୍ଯ୍ୟଠାରୁ ଆଗୁଆ

**ଝୁମ୍ପୁରା ୩।୨ (ଡି.ଏନ.ଏ.):** ଚଳିତ ଆର୍ଥିକ ବର୍ଷରେ କେନ୍ଦୁଝର ଜିଲା ପ୍ରଶାସନ ତରଫରୁ ବ୍ଲକ ଗୁଡିକୁ ଦିଆଯାଇଥିବା ଶ୍ରମଦିବସ ସୃଷ୍ଟି କରିବା ଲକ୍ଷ୍ୟ ଧାର୍ଯ୍ୟଠାରୁ ଝୁମ୍ପୁରା ବ୍ଲକ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଆଗୁଆ ରହି ଶ୍ରମଦିବସ ସୃଷ୍ଟି କରିବାରେ ଜିଲାରେ ପ୍ରଥମସ୍ଥାନ ଅଧିକାର କରିଛି। ପ୍ରକାଶ ଯେ- ଜାନୁୟାରୀ ମାସ ଶେଷ ସୁଦ୍ଧା ୯,୭୧,୯୦୬ ଶ୍ରମଦିବସ ସୃଷ୍ଟିର ଲକ୍ଷ୍ୟ ଧାର୍ଯ୍ୟ ରହିଥିଲା। ଏହି ସମୟ ମଧ୍ୟରେ ଝୁମ୍ପୁରା ବ୍ଲକ ୧୦,୬,୪୭୩ ଶ୍ରମଦିବସ (ଶତକଡା ହାରରେ ୧୦୩.୫୬%) ସୃଷ୍ଟି କରି ରାଜ୍ୟ ସରକାରଙ୍କ ୧୦ଲକ୍ଷ ଶ୍ରମ ଦିବସ କ୍ଲବରେ ସାମିଲ ହୋଇ ରାଜ୍ୟରେ ୩୧ତମ ସ୍ଥାନ ଗ୍ରହଣ କରିଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦାୟିତ୍ୱରେ ଥିବା ଏପିଓ ପୂର୍ଣ୍ଣ ଚନ୍ଦ୍ର ନାୟକ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ନାୟକଙ୍କ ଉଦ୍ୟମ ତଥା ପଞ୍ଚାୟତ ସ୍ତରରେ କାମ କରୁଥିବା କର୍ମଚାରୀଙ୍କ ସହାଭାଗୀତା ଯୋଗୁ ଏହା ସମ୍ଭବ ହୋଇ ପାରିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଗଠନ ହେଲା ବିଜୁ କୃଷକ ମଞ୍ଚ


ବୈଠକରେ ଉପସ୍ଥିତ ଚାଷୀମାନେ।

**ବାହାନଗା,୩।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଧୀନ ଅଭଣା ପଞ୍ଚାୟତ ଅଠିଲାବାଜ ଗ୍ରାମରେ ଚାଷୀ ଓ ଭାଗ ଚାଷୀଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶଶିଭୂଷଣ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନେକ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଚାଷୀମାନଙ୍କ ସମସ୍ୟା ସମାଧାନ ଲାଗି ସର୍ବସମ୍ମତି କ୍ରମେ 'ବିଜୁ କୃଷକ ମଞ୍ଚ' ନାମରେ କୃଷକ ମଞ୍ଚ ଗଠନ କରାଯାଇଛି। ଗ୍ରାମରେ ଚାଷୀମାନଙ୍କ ମୌଳିକ ସମସ୍ୟା ଆଲୋଚନା ଓ ସମାଧାନ କରାଯିବାର ଲକ୍ଷ୍ୟ ନେଇ କୃଷକ ମଞ୍ଚ ଗଠନ କରାଯାଇଛି। ବୈଠକ ପରେ ମଞ୍ଚର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ଭାବେ ସ୍ମୃତି ରଞ୍ଜନ ମହାପାତ୍ର, ସମ୍ପାଦକ ବିଜୟ କୁମାର ଦାସ, ଉପଦେଷ୍ଟା ଭାବେ ବସନ୍ତ ଦାସ, ଶଶିଭୂଷଣ ମହାପାତ୍ର ଓ ଅମିୟ କୁମାର ବେହେରାଙ୍କୁ ମନୋନୀତ କରାଯାଇଥିଲା । ପୁରୁଷୋତ୍ତମ ଦାସ, ଡମ୍ବରୁଧର ଦାସ, ମାନସ ମହାଳିକ, ପ୍ରମୋଦ ଦାସ, ଶିଶିର ଦାସ, ଧନେଶ୍ୱର ମହାଳିକଙ୍କ ସହ ବହୁ ଚାଷୀ ବୈଠକରେ ଉପସ୍ଥିତ ଥିଲେ।

# ବାଇକ୍‌ରୁ ପଡ଼ି ଖବରକାଗଜ ଏଜେଣ୍ଟ ଗୁରୁତର

**କପ୍ତିପଦା,୩।୨(ଡ଼ି.ଏନ୍.ଏ)**

ମୟୂରଭଞ୍ଜ ଜିଲା କପ୍ତିପଦା ଅଞ୍ଚଳରେ ଦୀର୍ଘ ୪୦ ବର୍ଷ ଧରି ଖବରକାଗଜ ବିତରକ ଭାବେ କାର୍ଯ୍ୟ କରିଆସୁଥିବା ପ୍ରଫୁଲ୍ଲ ନାୟକ ବାଇକ୍‌ରୁ ପଡ଼ି ଗୁରୁତର ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ ଶରତ ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ବାଇକ୍‌ରେ ଘରକୁ ଫେରୁଥିବା ବେଳେ କେଶପଡ଼ାଠାରେ ରାସ୍ତାରେ ଥିବା ହମ୍ପସ୍‌ରେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ତାଙ୍କୁ କପ୍ତିପଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଶ୍ରମ କୋଡ୍, କୃଷି ଆଇନର ପ୍ରତିବାଦ

**ଭଦ୍ରକ ଅଫିସ, ୩।୨**

ବଜେଟରେ ବେକାର ଯୁବତୀ ଯୁବକଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ସହ ଅତ୍ୟାବଶ୍ୟକ ଜିନିଷର ଦର ବଢ଼ିବା ଲାଗି ବାଟ ଖୋଲି ଦିଆଯାଇଛି। ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷିରେ ଗତ ବଜେଟ ଠାରୁ କମାଇ ଦିଆଯାଇଛି। ଏହି ଅବସ୍ଥାରେ ଦେଶର ଶ୍ରମିକ ଶ୍ରେଣୀ ଲଢ଼େଇ କରି ଯେଉଁ ଅଧିକାର ପାଇଥିଲେ ସେହି ଶ୍ରମ ଆଇନ ସର୍ବନିମ୍ନ ମଜୁରୀ ବୋନସ, ଇପିଏଫ୍, ପ୍ରବାସୀ ଶ୍ରମିକ ଆଇନ, କାରଖାନା ଆଇନ, ପେନ୍‌ସନ ଆଇନ, ଟ୍ରେଡ୍ ୟୁନିୟନ ଆଇନ, ଶିଳ୍ପ ବିବାଦ ଆଇନକୁ ସଂଶୋଧନ କରି ୪ଟି ଶ୍ରମକୋଡ୍ ହୋଇଛି ବୋଲି କୁହାଯାଇଛି। ବିଦ୍ୟୁତ୍ ବିଲ୍-୨୦୨୦ ଓ ୩ କୃଷକ ଆଇନର ପ୍ରତିବାଦ କରି ସିଟୁ ଓ କୃଷକମାନଙ୍କ ପକ୍ଷରୁ ପଟୁଆର ବନ୍ତ ଛକରୁ ବାହାରି ସହର ପରିକ୍ରମା କରିଥିଲା। ଏହାପରେ ଟାଉନହଲ୍‌ଠାରେ ଶ୍ରମ କୋର୍ଡ଼ ଓ କୃଷକ ଆଇନ ପ୍ରତିଲିପିକୁ ନିଆଁ ଲଗାଇ ପୋଡ଼ିଥିଲେ ଶ୍ରମିକ ଓ କୃଷକମାନେ। ଶ୍ରମିକ ନେତା ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଚନ୍ଦ୍ରଶେଖର ନାୟକ, ନିରଞ୍ଜନ ପାଣି, ରାଧା ଦାସ, ବିନୋଦ ସାହୁ, ସେକ୍ କମର, ସେକ୍ କାଲ, ପ୍ରଫୁଲ୍ଲ ପାଢ଼ୀ ପ୍ରମୁଖ ଏଥିରେ ସାମିଲ ଥିଲେ।

## 'ଭାଷା ସମୃଦ୍ଧ କରେ ବ୍ୟାକରଣ'

**ଭଣ୍ଡାରିପୋଖରୀ,୩।୨(ଡି.ଏନ.ଏ):** ଭଦ୍ରକ ମଞ୍ଜୁରୀରୋଡସ୍ଥିତ ବିଶ୍ୱାଳ କମ୍ପ୍ୟୁଟର ଏକାଡେମୀଠାରେ ବୁଧବାର ରାଷ୍ଟ୍ରୀୟ ଜନତା ପରିଷଦର ବନ୍ଧୁମିଳନ ସମାରୋହ ଓ କବିତା ପାଠୋତ୍ସବ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧାପକ ସେକ୍ ନାସିର ବକ୍ସ, ମୁଖ୍ୟବକ୍ତା ଅଧାପକ ଚିନ୍ତାମଣି ମହାକୁଡ଼, ଅନ୍ୟତମ ଅତିଥି ଓ ବକ୍ତା ଭାବେ ପୁରୁଷୋତ୍ତମ ଧଳ, ପଦ୍ମଲୋଚନ ଦାସ, ଅଧାପକ ରାମଚନ୍ଦ୍ର ମହାନ୍ତି, ହରିଶ୍ଚନ୍ଦ୍ର ଜେନା, ତପସ୍ୱିନୀ ମହାପାତ୍ର ଏବଂ ଜଗନ୍ନାଥ ଜେନା ଯୋଗ ଦେଇଥିଲେ। ବ୍ୟାକରଣ ଭାଷା ସମୃଦ୍ଧ କରିଥାଏ। ଆଚାର୍ଯ୍ୟ ରାଜେଶ କୁମାର ବିଶ୍ୱାଳଙ୍କ ରଚିତ ଓ କ୍ରିଷ୍ଣାଜ୍ୟୋତି ପବ୍ଲିକେଶନ ଦ୍ୱାରା ପ୍ରକାଶିତ 'ଓଡ଼ିଆ ବ୍ୟାକରଣ ସାଥୀ' ପୁସ୍ତକ ଲୋକାର୍ପଣ କରି ଭାଷାରେ ଶୁଦ୍ଧତା ପାଇଁ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ତପସ୍ୱିନୀ ମହାପାତ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

# ଭାଇପରକୁ ହରାଇଲା ବେଲଗଡ଼ିଆ

**ବନ୍ତ,୩।୨(ଡି.ଏନ.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ସରମରାଠାରେ ଅନୁଷ୍ଠିତ ମା' ଥାନପତି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଭାଇପର ଇଲେଭେନ ସରମରାକୁ ହରାଇ ବେଲଗଡ଼ିଆ ବର୍ତ୍ତନା ଟିମ୍ ଚାମ୍ପିୟନ ହୋଇଛି। ଭାଇପର ଇଲେଭେନ୍ ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୩୬ ରନ୍ କରିଥିଲା। ବେଲଗଡ଼ିଆ ୪ ଓଭରରେ ୬ ଉଇକେଟ ହରାଇ ୪୦ ରନ୍ କରିଥିଲା। ଅମ୍ପାୟର ସୀତାଂଶୁ ଜେନା, ରାଜେଶ ବିଶ୍ୱାଳ, ଭାଷ୍ୟକାର ତପନ ଜେନା, ଦେବାନନ୍ଦ ମହାପାତ୍ର, ସୁଧୀର ରାଉତ, ସ୍କୋରର ଆକାଶ ଜେନା, ଭାଗିରଥୀ ରାଉତ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ଭାଜପା ନେତା ବଦ୍ରି ନାରାୟଣ ଧଳ, ଅନିରୁଦ୍ଧ ଜେନା, ସରପଞ୍ଚ କିଶୋର କିଙ୍କର ପଢ଼ିଆରୀ ଓ ଶିକ୍ଷକ ରମାକାନ୍ତ ରାଉତ ୨ ଦଳକୁ ପୁରସ୍କୃତ କରିଥିଲେ।


ଫାଇନାଲ ମ୍ୟାଚ୍‌ରେ ଅତିଥିଙ୍କ ସହ ଚାମ୍ପିୟନ ଟିମ୍।

# ଅମୃତିଆ ନାଳ ମୁହଁ ମୁକୁଳା

**ବାଲେଶ୍ୱର ଅଫିସ,୩।୨**

ବାଲେଶ୍ୱର ଜିଲା ରେମୁଣା ବ୍ଲକ୍ ଅନ୍ତର୍ଗତ ନିଜାମ୍‌ପୁର ପଞ୍ଚାୟତର ବାଙ୍କତୀରା ଠାରେ ବୁଢ଼ାବଳଙ୍ଗ ନଦୀରୁ ଉତ୍ପନ୍ନ ଅମୃତିଆ ନାଳର ମୁକୁଳା ମୁହଁକୁ ବନ୍ଦ କରିବା ପାଇଁ 'ବାଙ୍କତୀରା ଜଳସେଚନ ପ୍ରକଳ୍ପ କ୍ରିୟାନୁଷ୍ଠାନ କମିଟି' ପକ୍ଷରୁ ବୁଧବାର ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବୁଢ଼ାବଳଙ୍ଗ ନଦୀର ସାମାନ୍ୟ ବନ୍ୟା ହେଲେ ପ୍ରତିବର୍ଷ ଅମୃତିଆ ନାଳ ମଧଦେଇ ବନ୍ୟାଜଳ ଚଷାଖଣ୍ଡ, ନିଜାମପୁର, ନଗ୍ରମ, ବୁଆଁଳ, ଓଲନ୍ଦା ସାରଗାଁ ପ୍ରଭୃତି ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷଜମିର ଫସଲ ନଷ୍ଟ କରିଥାଏ। ଏଥିପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ, ଜିଲା ପ୍ରଶାସନ ଓ ଜଳସମ୍ପଦ ବିଭାଗକୁ ବାରମ୍ବାର ଦାବିପତ୍ର ଦିଆଯାଇଛି। ମାତ୍ର ଏଯାଏ କୌଣସି ସୁଫଳ ମିଳି ନାହିଁ। ବର୍ଷାଦିନ ଆଗରୁ ଏହି ନାଳର ମୁକୁଳା ମୁହଁକୁ ବନ୍ଦ କରାନଗଲେ ଚଳିତବର୍ଷ ମଧ ବିପୁଳ ପରିମାଣର ଚାଷ ନଷ୍ଟ ହେବାର ଆଶଙ୍କା କରାଯାଇଛି। ଏଥିପାଇଁ ଆବଶ୍ୟକ ହେଲେ ଉକ୍ତ ଅଞ୍ଚଳର ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। କମିଟିର ସଭାପତି ଶୁଭଙ୍କର ମହାପାତ୍ର, ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ନାୟକ, ଉପସଭାପତି ପ୍ରଭୁ ଚରଣ ରାଉତ, ସଂଯୋଜକ ଚକ୍ରଧର ମହାନ୍ତି, ସମିତିସଭ୍ୟ ରବିନାରାୟଣ ମହାପାତ୍ର, ସରପଞ୍ଚ ଶ୍ରୀକାନ୍ତ ମହାପାତ୍ର, ପୂର୍ବତନ ସରପଞ୍ଚ ବୃନ୍ଦାବନ ବେହେରା, ଉତ୍ତମ ପ୍ରଧାନ ପ୍ରମୁଖ ଅତିରିକ୍ତ ଜିଲାପାଳ ସମ୍ବିତ ନାୟକଙ୍କ ଜରିଆରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।


ଅତିରିକ୍ତ ଜିଲାପାଳ ସମ୍ବିତ ନାୟକଙ୍କୁ ଦାବିପତ୍ର ଦିଆଯାଉଛି।

**ବନ୍ଦ କରିବା ପାଇଁ ଜିଲାପାଳଙ୍କୁ ଦାବିପତ୍ର**

